## ଶ୍ରେଣୀ: ନବମ - ଦଶମ

ବୌଦ୍ଧିକ କୌଶଳ | ସାମାଜିକ କୌଶଳ | ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଶଳ | ଭାବାବେଗ ସମ୍ବନ୍ଧୀୟ କୌଶଳ

1 ତୁମେ ନିଜର ବୃତ୍ତି (କ୍ୟାରିୟର) ନିର୍ଣ୍ଣୟ କରିବା ପାଇଁ ଆଗ୍ରହୀ କି ? କେଉଁ ବିଭାଗକୁ ଚୟନ କରିବ, ଠିକ୍‌ରେ ନିର୍ଣ୍ଣୟ ନେଇ ପାରୁନ କି ? ଆମର ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍)ରୁ ତୁମର ଯୁକ୍ତଦୁଇ (+୨) ବିଭାଗ ଚୟନ କରିପାର ।

2 ଅଭିଭାବକ ଦିବସ ବ୍ୟତୀତ ତୁମେ କେବେ ନିଜ ବାପା, ମା ବା ଗୁରୁଜନଙ୍କୁ ସ୍ନେହ, ସମ୍ମାନ ଦିଅ କି ? ତମ ଜୀବନରେ ପିତାମାତାଙ୍କ ଅବଦାନକୁ ନେଇ ୧୦୦ଟି ଶବ୍ଦ ମଧ୍ୟରେ ଲେଖ ।

3 ତୁମେ ତୁମର ସବୁଠୁ ଭଲ ସାଙ୍ଗ ବିଷୟରେ କେତେ ଜାଣିଛ ? ସାଙ୍ଗର ୫ଟି ମନ୍ଦ ଅଭ୍ୟାସ ସମ୍ବନ୍ଧରେ କୁହ । ମନ୍ଦ ଅଭ୍ୟାସକୁ ପରିବର୍ତ୍ତନ କରିବା ପାଇଁ ତୁମେ କ'ଣ କରିବ ।

4 କେବଳ ପାଠପଢ଼ାରେ ସୀମିତ ନରହି ଦୂରଦର୍ଶନ, ଖବର କାଗଜ ଏବଂ ପତ୍ର-ପତ୍ରିକାରୁ ସମ୍ବାଦ ପଢ଼ି ନିଜର ସାଧାରଣ ଜ୍ଞାନ, ଭାଷା ଓ ଦକ୍ଷତା ବଢ଼ାଇବା ପାଇଁ ଚେଷ୍ଟା କର ।

5 ପଶୁମାନଙ୍କ ଉପରେ ଅତ୍ୟାଚାର ହେବାର କେବେ ଦେଖିଛ କି ? ପି.ଇ.ଟି.ଏ (PETA) ସଂଗଠନ ବିଷୟରେ ଜାଣ ଓ ଦେଖ ସେମାନେ କିପରି ପଶୁପକ୍ଷୀମାନଙ୍କର ଜୀବନ ରକ୍ଷା କରନ୍ତି ।

6 ତୁମେ ତୁମର ଭାଇଭଉଣୀ ଓ ସାଙ୍ଗସାଥୀମାନଙ୍କୁ ପ୍ରଶଂସା କରିଛ କି ? ତୁମେ କିପରି ପ୍ରଶଂସା କରିବ ଅଳ୍ପ ଶବ୍ଦରେ ଲେଖ ।

7 ଶିଳ୍ପ ତାଲିମ କେନ୍ଦ୍ରରୁ ପାସ୍ କରିବା ପରେ କୁଶଳୀ କାରିଗର ହୋଇ ତୁମର ଅନୁଭବ ବଢ଼ାଇବା ପାଇଁ ଆଉ କ'ଣ କରିବ ?

8 ନିଜ ବୃତ୍ତି(କ୍ୟାରିୟର)ରେ ସର୍ବୋତ୍ତମ ସଫଳତା ଅର୍ଜନ କରିଥିବା କୌଣସି ବ୍ୟକ୍ତିଙ୍କୁ ଜାଣିଛ କି ? ତାଙ୍କର କିଛି ବିଶେଷଗୁଣ ସମ୍ବନ୍ଧରେ ଲେଖ ।

9 ପ୍ରତିରକ୍ଷା ବାହିନୀ (ଡିଫେନ୍ସ)ରେ ଯୋଗ ଦେବା ପାଇଁ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିବା ନିହାତି ଜରୁରୀ କି ? ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍) ପଢ଼ିଲେ ତାହା ଜାଣି ପାରିବ ।

10 ନିଜର ଅବସର ସମୟକୁ କିପରି ବ୍ୟବହାର କରୁଛ ଏବଂ ଦୈନନ୍ଦିନ ଜୀବନରେ ତୁମର ସଉକର କିପରି ସଦୁପଯୋଗ କରୁଛ, ଲେଖ ।

11 ନିଜର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ କେବେ ପଦକ୍ଷେପ ନେଇଛ କି ? ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ କେଉଁ ପଦକ୍ଷେପ ନେବା ଉଚିତ ?

12 ନିଜର ଘରୁ ହିଁ ସଚେତନତା ସୃଷ୍ଟି ହୋଇଥାଏ । ବ୍ୟକ୍ତିତ୍ୱ ବିକାଶ (ଇଣ୍ଟରଆକ୍ଟିଭ ପର୍ସନାଲିଟି ଡେଭଲପମେଣ୍ଟ) ପୁସ୍ତିକାରୁ ଆତ୍ମସଚେତନତା ବିଷୟରେ ଜାଣି କେତେଦୂର ନିଜ ପାଇଁ ପ୍ରଯୁଜ୍ୟ ତାହା ସମୀକ୍ଷା କର ।

13 ଦିନକ ପାଇଁ ତୁମେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ ହେଲେ, ବିଦ୍ୟାଳୟରେ କି କି ପରିବର୍ତ୍ତନ ଆଣିପାରିବ ସେ ବିଷୟରେ ଲେଖ ।

14 ତୁମର ସାଙ୍ଗ ବା ପରିବାର ବର୍ଗମାନଙ୍କ ମଧ୍ୟରେ କାହାକୁ ପାନ, ଗୁଟ୍‌କା, ମଦ ଭଳି କୌଣସି ନିଶାଦ୍ରବ୍ୟ ସେବନ କରିବାର ଦେଖିଛ କି ? କେଉଁ ଉପାୟରେ ତାହା ପରିବର୍ତ୍ତନ କରାଯାଇପାରିବ, ତାଲିକା ପ୍ରସ୍ତୁତ କରି ସାଙ୍ଗମାନଙ୍କ ସହ ଆଲୋଚନା କର ।

15 ତୁମ ଜୀବନର ଲକ୍ଷ୍ୟ କ'ଣ ? ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରସ୍ତୁତି ପଦକ୍ଷେପଗୁଡ଼ିକ ବିଷୟରେ ଏକ ଟିପ୍ପଣୀ ପ୍ରଦାନ କର ।






ଆଜିକାଲି ସାଧାରଣତଃ କିଶୋର ଅବସ୍ଥାରେ ପିଲାମାନେ ସାଇବର ଅପରାଧରେ କବଳିତ ହେଉଛନ୍ତି । ସାଇବର ନିରାପତ୍ତା ତଥା ଏହାର ଉପକାରିତା ବିଷୟରେ ସନ୍ଧାନ କରି କେଉଁ ପ୍ରକାରର ସାବଧାନତା ଅବଲମ୍ବନ କରିବ ଲେଖ । 16

ତୁଳସୀ ଗୋଟିଏ ଅତି ଉପକାରୀ ଗଛ ଅଟେ । ଏହାର କେତୋଟି ଉପକାରୀ ଗୁଣ ବିଷୟରେ ଲେଖ । 17

ତୁମେ କୌଣସି ଏକ ଦଳର ନେତୃତ୍ୱ ନେବାକୁ ଚାହୁଁଛ କି ଏବଂ ସେହି ଦଳରେ କଣ କରିବ ? ନିଜର ତିନିରୁ ଚାରି ଜଣ ସାଙ୍ଗମାନଙ୍କ ସାଥିରେ ଏ ବିଷୟରେ ଆଲୋଚନା କରି ଲେଖ । 18

'କୃଷିରୁ' ଅଧିକ ଉପାର୍ଜନ କରିବାକୁ ଚାହୁଁଛ କି ? ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍)ରୁ କୃଷିବୃତ୍ତି ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର । 19

ଭାରତରେ ପ୍ରଚଳିତ ବାଇଶିଟି ମୁଖ୍ୟ ଭାଷା ଅଛି ବୋଲି ଜାଣିଛ କି ? ନିଜ ମାତୃଭାଷା ବ୍ୟତୀତ ଅନ୍ୟ କେଉଁ ନୂଆ ଭାଷା ଜାଣିଛ ସାଙ୍ଗମାନଙ୍କ ସହିତ ଆଲୋଚନା କର । 20

ଆବଶ୍ୟକତାସ୍ଥଳେ କୌଣସି ବ୍ୟକ୍ତି ବିଶେଷକୁ କେବେ ସାହାଯ୍ୟ କରିଛ କି ? ଏହିଭଳି ଯେକୌଣସି ପାଞ୍ଚଟି ଘଟଣାକୁ ମନେ ପକାଇ ବର୍ଣ୍ଣନା କର । 21

ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଆମର ପ୍ରାଥମିକ କର୍ତ୍ତବ୍ୟ । ତୁମେ ରହୁଥିବା ଅଞ୍ଚଳରେ ନିକଟରେ ସଂଗଠିତ ହୋଇଥିବା କିଛି ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବିଷୟରେ ଲେଖ । 22

ମନରେ ବିରକ୍ତି ଅନୁଭବ କରୁଛ କି ? କାର୍ଯ୍ୟଫର୍ଦ୍ଦର(ୱାର୍କଶିଟ୍‌ର) ଗୋଟିଏ ପୃଷ୍ଠା ସମାଧାନ କରି କେତୋଟି ଠିକ୍ ଉତ୍ତର ପାଇଲ ଜଣାଅ । 23

ଆମେ ସମସ୍ତେ ଜାଣିଛେ ଓଡିଶାରେ ବହୁତଗୁଡିଏ ସୁନ୍ଦର ଐତିହାସିକ ସ୍ଥାନ ରହିଛି । ନିକଟ ଅତୀତରେ ଦେଖିଥିବା କୌଣସି ଦୁଇଟି ଐତିହାସିକ ସ୍ଥାନର ଅନୁଭୂତି ବିଷୟରେ ଲେଖ । 24

ଏହା ନିଃସନ୍ଦେହ ଯେ ତୁମର ଦୈନନ୍ଦିନ ଜୀବନରେ ଶିକ୍ଷକଶିକ୍ଷୟିତ୍ରୀଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କର ଭୂମିକା ବିଷୟରେ ସଂକ୍ଷିପ୍ତରେ ଲେଖ । 25

ଜାଣିଛ କି ଏକାଧିକ ତଥ୍ୟ ଏକକାଳୀନ ମନେରଖିବା ପାଇଁ ୧୫ ମିନିଟ୍‌ର ଧ୍ୟାନ ନିହାତି ଆବଶ୍ୟକ ? ଦୈନିକ କେତେଥର ଧ୍ୟାନ କର ଏବଂ ଏହା କିପରି ସହାୟକ ହୁଏ ସେହି ବିଷୟରେ ଲେଖ । 26

ସମ୍ବଲପୁର ଅଞ୍ଚଳବାସୀଙ୍କର ପ୍ରସିଦ୍ଧ ମିଠା ହେଉଛି 'ସରସତିଆ' । ଅନ୍ୟ କୌଣସି ଅଞ୍ଚଳର ପ୍ରସିଦ୍ଧ ମିଠା ବିଷୟରେ ଜାଣିଛ କି ? କେଉଁ ଅଞ୍ଚଳରେ କେଉଁ ମିଠା ପ୍ରସିଦ୍ଧ ଲେଖ । 27

ଗବେଷଣା ଓ ଅନୁସନ୍ଧାନରେ ତୁମର ରୁଚି ଅଛି କି ? ତୁମେ କିପରି ଜଣେ ବୈଜ୍ଞାନିକ ହୋଇ ଜୀବନରେ ନୂତନ ଉଦ୍ଭାବନ କରିବ ? ଏଥିରେ ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍) କିପରି ସହାୟକ ହେବ ଲେଖ ? 28

ଏକ ସାମାଜିକ କର୍ମୀ ହୋଇ ତୁମେ ସମାଜରେ କି ପ୍ରକାର ପରିବର୍ତ୍ତନ ଆଣିବାକୁ ଚାହିଁବ ଓ କାହିଁକି, ଲେଖ । 29

ଖେଳ ବିଷୟରେ ତୁମେ କେତେ ଆଗ୍ରହୀ ? କ୍ରୀଡା ପରିଚାଳନା(ସ୍ପୋର୍ଟସ୍ ମ୍ୟାନେଜ୍‌ମେଣ୍ଟ) କ୍ଷେତ୍ରରେ ତୁମେ ଏକ ସଫଳ ବ୍ୟକ୍ତିତ୍ୱ ହେବା ପାଇଁ କ'ଣ କରିବ ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍)ରୁ ପଢ଼ । 30

ତୁମେ '୫+୩+୩+୪' ଶିକ୍ଷା ବ୍ୟବସ୍ଥା ବିଷୟରେ ଜାଣିଛ କି ? ଏହା ବିଷୟରେ ଅଧିକ ଜାଣିବା ପାଇଁ ଇଣ୍ଟରନେଟ୍‌ରେ ନୂତନ ଶିକ୍ଷା ନୀତି ଉପରେ ଖୋଜି ପଢ଼ିବାକୁ ଚେଷ୍ଟା କର । 31